

ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଗୁରୁବାର ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ' ୨୦୨୬ ପ୍ରଦାନ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଏବଂ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।




'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ' ୨୦୨୬ ପ୍ରଦାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ।




## 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ'
### ୬ଷ୍ଠ ସଂସ୍କରଣର ସମ୍ବର୍ଦ୍ଧିତ ଉଦ୍ୟୋଗୀ

| | |
|---|---|
| ଦୁର୍ଗା ପ୍ରିୟଦର୍ଶିନୀ | ପ୍ରତିଷ୍ଠାତା, ଗୋମାୟା ଏଗ୍ରୋ ପ୍ରା.ଲି. |
| ପ୍ରୀତି ପଲ୍ଲବୀ ପଟ୍ଟନାୟକ | ପ୍ରତିଷ୍ଠାତା, ଓଡ଼ିଶା କଫି |
| ଶଶିକାନ୍ତ ବାରିକ | ସହପ୍ରତିଷ୍ଠାତା, ଏକରରାଇଜ୍ |
| ସୁମନ ଡାଲମିଆ | ଚେୟାର ପର୍ସନ, ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ |
| ପ୍ରିୟଦର୍ଶୀ ମହାପାତ୍ର | ପ୍ରତିଷ୍ଠାତା, କିଓର୍‌ବେ |
| ନିଗମଜ୍ୟୋତି ପାଠୀ | ପ୍ରତିଷ୍ଠାତା, ନମସ୍ତେ ବାରିପଦା |
| ଜୀବନ କୁମାର ବଡୁ | ପରିଚାଳନା ନିର୍ଦ୍ଦେଶକ, ଓଟିପିଏଲ୍ |
| ଶୈଳେଶ ସରାଓ୍ୱଗି | ପ୍ରତିଷ୍ଠାତା, ଓଡ଼ିଶୀ ଜୁଏଲେରି |
| ମନୋଜ ନାୟକ | ପ୍ରତିଷ୍ଠାତା, କଳିଙ୍ଗ ବାୟୋମେଡିକାଲ୍ |
| ସୋମଦତ୍ତ ବେହୁରା | ସହପ୍ରତିଷ୍ଠାତା, କେଟି ଗ୍ଲୋବାଲ୍ ସ୍କୁଲ |
| ଆଲୋକ ଶ୍ରୀବାସ୍ତବ | ଚିଫ୍ ଅପରେଟିଂ ଅଫିସର, ଆପୋଲୋ ହସ୍ପିଟାଲ୍ସ, ଭୁବନେଶ୍ୱର |
| ଚନ୍ଦ୍ର ପ୍ରକାଶ ଭରଡିଆ | ପରିଚାଳନା ନିର୍ଦ୍ଦେଶକ, ଜଗଦମ୍ବା ପଲିମର୍ସ ଲି. |
| ଭାଲଚନ୍ଦ୍ର ମହାନ୍ତି | ପରିଚାଳନା ନିର୍ଦ୍ଦେଶକ, ଓରିକ୍ଲିନ୍ ପ୍ରା.ଲି. |
| ଦୀପ୍ତିମୟୀ ମହାନ୍ତି | ପ୍ରିନ୍ସିପାଲ, ଆର୍ଯ୍ୟବର୍ତ୍ତ ଆନ୍‌ସିଏଣ୍ଟ ଏକାଡେମୀ |
| ସମ୍ବିତ ରଞ୍ଜନ ସାହୁ | ପରିଚାଳନା ନିର୍ଦ୍ଦେଶକ, ଅର୍ଗାନିକ ମା' |
| ସଞ୍ଜୀବ ହଂସ | ପ୍ରତିଷ୍ଠାତା, ଶୁଭଲାଭ ଜୁଏଲର୍ସ |
| କରିମ୍ କବିରୁଦ୍ଦିନ | ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର, ହେଲ୍‌ଥ ଫୁଡ୍ ପ୍ରଡକ୍ଟ ପ୍ରା.ଲି. |
| ହର୍ଷିତ ଲୋଧା | ପରିଚାଳନା ନିର୍ଦ୍ଦେଶକ, ଜୟବାବା ଅଟୋମୋବାଇଲ୍ସ |



'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ'ର ୬ଷ୍ଠ ସଂସ୍କରଣର ସମ୍ବର୍ଦ୍ଧିତ ଉଦ୍ୟୋଗୀ

ଦୁର୍ଗା ପ୍ରିୟଦର୍ଶିନୀ
ଗୋମାୟା ଏଗ୍ରୋ ପ୍ରା.ଲି.



ନିଗମଜ୍ୟୋତି ପାଠୀ
ନମସ୍ତେ ବାରିପଦା



ଶଶିକାନ୍ତ ବାରିକ
ଏକରରାଇଜ୍



ସୁମନ ଡାଲମିଆ
ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ



ମୁଖ୍ୟ ଅତିଥି ଭାବେ ଅଭିଭାଷଣ ରଖୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



ମୁଖ୍ୟ ବକ୍ତା ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦ୍‌ବୋଧନ ଦେଉଛନ୍ତି।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସ୍ୱାଗତ ଭାଷଣ ଦେଉଛନ୍ତି।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି।



ପ୍ରିୟଦର୍ଶୀ ମହାପାତ୍ର
କିଓର୍‌ବେ



ଜୀବନ କୁମାର ବଡୁ
ଓଟିପିଏଲ୍



ମନୋଜ ନାୟକ
କଳିଙ୍ଗ ବାୟୋମେଡିକାଲ୍



ପ୍ରୀତି ପଲ୍ଲବୀ ପଟ୍ଟନାୟକ
ଓଡ଼ିଶା କଫି







ଭାଲଚନ୍ଦ୍ର ମହାନ୍ତି
ଓରିକ୍ଲିନ୍ ପ୍ରା.ଲି.



ଆଲୋକ ଶ୍ରୀବାସ୍ତବ
ଆପୋଲୋ ହସ୍ପିଟାଲ୍ସ, ଭୁବନେଶ୍ୱର



ସଞ୍ଜୀବ ହଂସ
ଶୁଭଲାଭ ଜୁଏଲର୍ସ



ସମ୍ବିତ ରଞ୍ଜନ ସାହୁ
ଅର୍ଗାନିକ ମା'



କରିମ୍ କବିରୁଦ୍ଦିନ
ହେଲ୍‌ଥ ଫୁଡ୍ ପ୍ରଡକ୍ଟ ପ୍ରା.ଲି.





ଦୀପ୍ତିମୟୀ ମହାନ୍ତି
ଆର୍ଯ୍ୟବର୍ତ୍ତ ଆନ୍‌ସିଏଣ୍ଟ ଏକାଡେମୀ



ଚନ୍ଦ୍ର ପ୍ରକାଶ ଭରଡିଆ
ଜଗଦମ୍ବା ପଲିମର୍ସ ଲି.



ହର୍ଷିତ ଲୋଧା
ଜୟବାବା ଅଟୋମୋବାଇଲ୍ସ



ସୋମଦତ୍ତ ବେହୁରା
କେଟି ଗ୍ଲୋବାଲ୍ ସ୍କୁଲ



ଶୈଳେଶ ସରାଓ୍ୱଗି
ଓଡ଼ିଶୀ ଜୁଏଲେରି

ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଗୁରୁବାର ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ 'ବିଜ୍‌ନେସ ଏମିନେନ୍ସ ଆୱାର୍ଡ' ପ୍ରଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ୩ ଆହତ

ମୋହନା.୨୩।୪(ମନ୍ମଥ ମିଶ୍ର)

ମୋହନା ଥାନା ଅନ୍ତର୍ଗତ ମାଣିକପୁର ଗାଁ ନିକଟରେ ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ବୃଦ୍ଧ ଲଛମନ ଦଳେଇ ( ୬୫ )। ଶିଙ୍ଗୁଳି ପଦର ପଞ୍ଚାୟତ ମୁଡୁମୁଡ଼ିଆ ଗାଁରୁ ଏକ ବାଇକ୍ ଯୋଗେ ମିହିର ବିଶୋୟୀ (୨୨) ତାଙ୍କ ସମ୍ପର୍କୀୟ ଭଉଣୀ ବିଦ୍ୟୁସ୍ମିତା ରଇତ (୧୯ ) କୌଣସି କାମରେ ଚନ୍ଦ୍ରଗିରି ଯାଉଥିଲେ। ମାଣିକପୁର ଗାଁ ନିକଟରେ ମିହିରଙ୍କ ବାଇକ୍ ଲଛମନଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତା କଡକୁ ଛିଟିକିପଡିଥିଲେ। ମିହିର ଓ ବିଦ୍ୟୁସ୍ମିତା ମଧ୍ୟ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଚନ୍ଦ୍ରଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଲଛମନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ଏବଂ ମିହିର ଓ ବିଦ୍ୟୁସ୍ମିତା ଚନ୍ଦ୍ରଗିରିରେ ଚିକିତ୍ସାଧୀନ ଥିବା ଡାକ୍ତର ଡାକ୍ତର ଏନ. ଜୟ କହିଛନ୍ତି।

### ପୋଷ୍ଟମାଷ୍ଟରଙ୍କଠାରୁ ଟଙ୍କା ବ୍ୟାଗ୍ ଲୁଟ୍

ଦିଗପହଣ୍ଡି,୨୩।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୁଞ୍ଜିକଂୟା ଛକ – ଆସିକା ମୁଖ୍ୟରାସ୍ତା କଡ଼ରେ ଥିବା ଏକ ହୋଟେଲ ସମ୍ମୁଖରୁ କଇଠଖଣ୍ଡି ପଞ୍ଚାୟତ ବୋରିପଦର ଗ୍ରାମ୍ୟ ପୋଷ୍ଟମାଷ୍ଟର ମନୋଜ କୁମାର ପଟ୍ଟନାୟକଙ୍କଠାରୁ ୪ ଦୁର୍ବୃତ୍ତ ଅଭିନବ ଉପାୟରେ ଟଙ୍କା ବ୍ୟାଗ ଲୁଟି ନେଇଛନ୍ତି। ଉକ୍ତ ବ୍ୟାଗରେ ୮୦ ହଜାର ଟଙ୍କା ଥିଲା। ପୋଷ୍ଟମାଷ୍ଟର ଜଣକ ଗ୍ରାମୀଣ ଡାକ କାର୍ଯ୍ୟାଳୟରୁ ସଂଗୃହୀତ ଉକ୍ତ ଟଙ୍କା ବ୍ୟାଙ୍କରେ ଡିପୋଜିଟ କରିବାକୁ ତାଙ୍କ ସ୍କୁଟିରେ ଦିଗପହଣ୍ଡି ଆସିଥିଲେ। ସେ ହୋଟେଲ ସମ୍ମୁଖରେ ସ୍କୁଟି ରଖି ଖାଇବାକୁ ଯାଇଥିଲେ। ଖାଇ ସାରିବା ପରେ ଟଙ୍କା ବ୍ୟାଗ୍‌କୁ ସ୍କୁଟିରେ ଓହଳାଇ ଗାଡି ଷ୍ଟାର୍ଟ କରିବା ବେଳେ ୨ଟି ବାଇକରେ ଆସିଥିବା ୪ ଯୁବକ ତାଙ୍କରି କିଛି ଟଙ୍କା ପଡ଼ିଯାଇଥିବା କହିଥିଲେ। ମନୋଜ ସ୍କୁଟି ଷ୍ଟାଣ୍ଡ ମାରି ପଛକୁ ଚାହୁଁଥିବା ବେଳେ ସେମାନେ ଟଙ୍କା ବ୍ୟାଗକୁ ଝାମ୍ପିନେଇ ବ୍ରହ୍ମପୁର ରାସ୍ତାରେ ଚମ୍ପଟ ମାରିଥିଲେ । ଏନେଇ ଦିଗପହଣ୍ଡି ଥାନାରେ ଏତଲାକ୍ରମେ ନଂ.୧୭୫/୨୬ ଅନୁଯାୟୀ ମକଦ୍ଦମା ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିକଟସ୍ଥ ପେଟ୍ରୋଲ ପମ୍ପର ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ ଚଳାଇଛି ।

### କ୍ଲଷ୍ଟରସ୍ତରୀୟ ଦ୍ୱିଦିବସୀୟ ଟିଏଲ୍‌ଏମ୍ କର୍ମଶାଳା

ବୁଗୁଡା,୨୩।୪(କାଳୀଚରଣ ଦାଶ)

ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ଭାମଶ୍ୟାଳି ହାଇସ୍କୁଲରେ ଦ୍ୱିଦିବସୀୟ ଶିକ୍ଷାଦାନ ଶିକ୍ଷଣ ଉପକରଣ କର୍ମଶାଳା ଅନୁଷ୍ଠିତ ହୋଇଛି। ଗୋଳିଆ କ୍ଲଷ୍ଟରସ୍ତରୀୟ ଉକ୍ତ କର୍ମଶାଳାକୁ ପ୍ରଧାନ ଶିକ୍ଷକ ଜି.ନାଗେଶ୍ୱର ରାଓ ଉଦ୍‌ଘାଟନ କରିଥିଲେ। ଏଥିରେ କ୍ଲଷ୍ଟର ଅନ୍ତର୍ଗତ ୧୨ଟି ବିଦ୍ୟାଳୟର ୨୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। କ୍ଲଷ୍ଟର ସିଆରସିସି ସୁନିତା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ କର୍ମଶାଳାରେ ଛାତ୍ରୀଛାତ୍ରଙ୍କ ଉପଯୋଗି ଅନେକ ଶିକ୍ଷଣ ଉପକରଣ ପ୍ରସ୍ତୁତ କରାଯାଇଥିଲା।

### ଡିଏଲ୍‌ଏସ୍‌ଏର ଆଇନ ସଚେତନତା ଶିବିର

ଫୁଲବାଣୀ,୨୩।୪ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଗୁରୁବାର ବିଭିନ୍ନ ଆଇନ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପରିବାର ଅଦାଲତ ବିଚାରପତି ରୂପଶ୍ରୀ ଚୌଧୁରୀ, ଅତିରିକ୍ତ ଜିଲାଜଜ୍ ପ୍ରୀତିଶ କୁମାର ରାଉତରାୟ, ଏଫ୍‌ଟିଏସ୍‌ସି କୋର୍ଟ ବିଚାରପତି କୈଳାଶ ଚନ୍ଦ୍ର ସ୍ୱାଇଁ, ସ୍ଥାୟୀ ଲୋକ ଅଦାଲତ ବିଚାରପତି ଦୋଳଗୋବିନ୍ଦ ବାରିକ, ଜିଲା ଆଇନସେବା ପ୍ରାଧିକରଣ ସଚିବ ରମାକାନ୍ତ ମହାନ୍ତି, ଏସ୍‌ଡିଜେଏମ୍ ସୌମ୍ୟା ସୋନାଲିକା, ଜେଏମ୍‌ଏଫସି ବଦ୍ରିନାଥ ବିଶ୍ୱାଳ, ପ୍ରୋବେଶନର ସିଭିଲଜଜ୍ ଅରୁଣିମା ପତି ପ୍ରମୁଖ ଯୋଗ ଦେଇଥିଲେ। ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଅନ୍ତର୍ଗତ ଏଫ୍‌ଆଇଆର୍, ଜାମିନ, ସମନ୍ସ ଓ ୱାରେଣ୍ଟ, ଆଇନଗତ ପ୍ରତିନିଧିତ୍ୱର ଅଧିକାର, ଆପିଲ ପ୍ରକ୍ରିୟା ଏବଂ ପ୍ଲି ବାର୍ଗେନିଙ୍ଗ ସମ୍ବନ୍ଧୀୟ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏଥିସହିତ ବନ୍ୟପ୍ରାଣୀ ଦ୍ୱାରା ଶିକାର ହୋଇଥିବା ପୀଡିତମାନଙ୍କ ପାଇଁ ନ୍ୟାୟ ପ୍ରାପ୍ତି ସୁବିଧା ସମ୍ପର୍କିତ ନାଲସା ଯୋଜନା ବିଷୟରେ ମଧ୍ୟ ସଚେତନତା କରାଯାଇଥିଲା।

# ଗଜପତି ଜିଲାକୁ ପରିବହନ ବିଭାଗର ଅବହେଳା ଅଭିଯୋଗ

ପାରଳାଖେମୁଣ୍ଡି,୨୩।୪(ଗିରିଧାରୀ ପରିଚ୍ଛା)

■ ଚାଲୁଥିବା ରୁଟ୍‌ରେ ସରକାରୀ ବସ୍ ବନ୍ଦ
■ ନୂଆ ରୁଟ୍‌ରେ ଚଳାଚଳ ଦାବି ଶୁଣୁନି ବିଭାଗ

ଗଜପତି ଜିଲାରେ ବେସରକାରୀ ବସ୍ ଚଳାଚଳକୁ ଛାଡିଦେଲେ ସରକାରୀ ବସ୍ ଚଳାଚଳ ବହୁତ କମ ରହିଛି। ରାଜ୍ୟ ପରିବହନ ବିଭାଗର କେତେକ ଦୂରଗାମୀ ବସ ଚଳାଚଳ ଜାରି ରହିଥିଲେ ମଧ୍ୟ ଜିଲା ମଧ୍ୟରେ ଚାଲୁଥିବା କେତେକ ବସ୍ ଚଳାଚଳ ବିଭାଗ ବନ୍ଦ କରି ଦେଇଛି। ପୂର୍ବରୁ ଚାଲୁଥିବା ବସ୍ ଚଳାଇବା ଏବଂ ନୂତନ ରୁଟ୍ ପାରଳାଖେମୁଣ୍ଡିଠାରୁ ରାୟଗଡା ଭାୟା ଆନ୍ଧ୍ରର ରାଜମ-ପାର୍ବତୀପୁରମ, ପାରଳାଖେମୁଣ୍ଡିଠାରୁ ଫୁଲବାଣୀ ଭାୟା ପାଣିଗଣ୍ଡା-ଦାରିଙ୍ଗିବାଡି ଓ ମୋହନାଠାରୁ ଆନ୍ଧ୍ରର ବିଶାଖାପାଟଣା ଭାୟା ପାରଳାଖେମୁଣ୍ଡି ବସ୍ ଚଳାଚଳ ପାଇଁ ଦାବି ହୋଇ ଆସୁଛି। ଏନେଇ ଜିଲାବାସୀ ଦୀର୍ଘଦିନ ହେଲା ଦାବି କରି ଆସୁଛନ୍ତି।

ଜିଲା ସଦର ମହକୁମାରୁ ମୋହନା, କଟମା, ଭୁବନେଶ୍ୱର ଓ ପୁରୀକୁ ଯାତାୟାତ ପାଇଁ ସିଧାସଳଖ ବସ୍ ରହିଛି। ଓଡିଶା ରାଜ୍ୟ ପରିବହନ ବିଭାଗର କେବଳ ହାତଗଣତି ବସ ଗଜପତି ଜିଲା ସଦର କିମ୍ବା ଜିଲାର ବିଭିନ୍ନ ସ୍ଥାନରୁ ଅନ୍ୟତ୍ର ଯିବାକୁ ବ୍ୟବସ୍ଥା ରହିଛି। ଦୂରଗାମୀ ବସ୍‌ଗୁଡିକ ଭାୟା ଭାବରେ ପାରଳାଖେମୁଣ୍ଡି ଦେଇ ଯାତାୟତ କରୁଛି। ଜିଲା ସଦରରୁ ଭୁବନେଶ୍ୱର, ପୁରୀ, ମୋହନା, କଟାମା ଭଳି ସ୍ଥାନକୁ କେତେକ ବସ୍ ଯାତାୟାତ କରୁଥିବା ବେଳେ ଜୟପୁର, ନବରଙ୍ଗପୁର, କଟକ ଆଦି ବସଗୁଡିକ ଅନ୍ୟ ସହରରୁ ବାହାରି ପାରଳାଖେମୁଣ୍ଡି ଦେଇ ଯାତାୟାତ କରୁଛି । ଜିଲା ସଦରରୁ ମଳାସପଦର, ନୂଆଗଡ, ଜୟପୁର ବସ୍ ସେବାକୁ ବନ୍ଦ ହୋଇଯାଇଛି। ଏହି ବସ୍‌ଗୁଡିକରେ ଯାତ୍ରୀଙ୍କ ସଂଖ୍ୟା ଅଧିକା ଥିଲା, ଭଲ ଆୟକାରୀ ବସ୍ ଭାବେ ପରିଚିତ ଥିଲା। ଗୁମ୍ମା, ସେରଙ୍ଗ ଦେଇ ନୂଆଗଡ ଯାଉଥିବା ବସ୍‌ଟି ସେରଙ୍ଗଠାରୁ ନୂଆଗଡ ଘାଟିରାସ୍ତା ଖରାପ ଯୋଗୁ ବିଭାଗ ବନ୍ଦ କରିଦେଇଥିବା କହୁଛି। ଅନ୍ୟ ୨ଟି ବସ୍ କେଉଁକାରଣରୁ ବନ୍ଦ ହେଲା ସେନେଇ ସ୍ପଷ୍ଟ କରାଯାଇନାହିଁ। ପାରଳାଖେମୁଣ୍ଡିରୁ ଜୟପୁର ବସ୍‌ଟି ଦୀର୍ଘ ୩୦ ବର୍ଷ ଧରି ଚାଲିଥିଲା। ଏହି ବସ୍ ସେତେବେଳେ ରାୟଗଡା, କୋରାପୁଟ, ଜୟପୁର ଭଳି ସହରକୁ ଲୋକଙ୍କ ଏକମାତ୍ର ଯାତାୟତର ମାଧ୍ୟମ ଥିଲା। କରୋନା ମହାମାରୀ ସମୟରୁ ୫ବର୍ଷ ହେଲା ଏହି ବସ୍ ଚଳାଚଳ ବନ୍ଦ କରାଯାଇଛି। ସେହିପରି ମଳାଶପଦରକୁ ଯାତାୟାତ କରୁଥିବା ବସ୍‌କୁ ମଧ୍ୟ କେଉଁ କାରଣରୁ ବନ୍ଦ କରିଛି ତାହା ବିଭାଗ ସୂଚନା ଦେଉନାହିଁ। ଜିଲାର ଗୁରାଣ୍ଡିଠାରୁ ଭୁବନେଶ୍ୱର, କଟକ, ଜୟପୁର, ନବରଙ୍ଗପୁର ଆଦି ସ୍ଥାନକୁ ବସ୍ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦୁଇବର୍ଷ ହେଲା ଦାବି କରାଯାଇଥିଲେ ମଧ୍ୟ ଏଯାଏ ଦାବିପୂରଣ ହୋଇନାହିଁ ।

## କେବିରିପଲ୍ଲୀରେ ଗୋଷ୍ଠୀ ସଂଘର୍ଷ, ୪ ଗିରଫ

ବେଲଗୁଣ୍ଠା,୨୩।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବେଲଗୁଣ୍ଠା ଥାନା ଅନ୍ତର୍ଗତ କେବିରିପଲ୍ଲୀ ଗ୍ରାମରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏହି ଘଟଣାରେ ପୋଲିସ ଉଭୟ ପକ୍ଷରୁ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, ଗତ ୨୧ ଓ ୨୨ ତାରିଖ ମଧ୍ୟରାତ୍ରିରେ କେବିରିପଲୀ ଗ୍ରାମର ୨ପରିବାର ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହା ଉଗ୍ରରୂପ ନେବା ସହ ମାରପିଟ୍ ପର୍ଯ୍ୟନ୍ତ ଯାଇଥିଲା। ଦୀର୍ଘ ୮ ବର୍ଷର ପୁରୁଣା ଶତ୍ରୁତା ଯୋଗୁ ଏହି ହିଂସାକାଣ୍ଡ ଘଟିଥିବା ଜଣାପଡ଼ିଛି। ଗ୍ରାମର ଦିଲୀପ କୁମାର ବିଷୋୟୀଙ୍କ ଅଭିଯୋଗ କ୍ରମେ କେଶ୍ ନଂ. ୧୯୦/୨୬ ରୁଜୁ ହୋଇଛି। କାର୍ତ୍ତିକ ପରିଡ଼ା ଓ ତାଙ୍କ ଭାଇ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷରୁ କାର୍ତ୍ତିକ ପରିଡ଼ା ଆକ୍ରମଣ ହୋଇଥିବା ନେଇ ପାଲଟା ଅଭିଯୋଗ କରିବା ପରେ ପୋଲିସ କେଶ୍ ନଂ.୧୯୧/୨୬ ରୁଜୁ କରିଛି। ଉଭୟଙ୍କ ଅଭିଯୋଗ ଆଧାରରେ ଗୁରୁବାର ବେଲଗୁଣ୍ଠା ପୋଲିସ ଏହି ଘଟଣାରେ କାର୍ତ୍ତିକ ପରିଡ଼ା (୩୨), ଶୁକ୍ରୁ ପରିଡ଼ା, ବାଳକୃଷ୍ଣ ସ୍ୱାଇଁ (୫୨), ଦିଲୀପ ସ୍ୱାଇଁ (୫୦)ଙ୍କୁ ଗିରଫ କରିଛି। ଗିରଫ ହେବା ପରେ ସମସ୍ତ ଅଭିଯୁକ୍ତଙ୍କୁ ଭଞ୍ଜନଗର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଛି।

## ଭାଜପାର ଜନ ଆକ୍ରୋଶ ଯୁବ ବିକ୍ଷୋଭ ପ୍ରଦର୍ଶନ




ଭାଜପାର ବିକ୍ଷୋଭ ପ୍ରଦର୍ଶନ

ଖଲ୍ଲିକୋଟ,୨୩।୪(ପ୍ରଶାନ୍ତ କୁମାର ମିଶ୍ର)

ଲୋକସଭାରେ ମହିଳା ସଂରକ୍ଷଣ ବିଲ କାଟ ଖାଇବା ପ୍ରସଙ୍ଗରେ ଗୁରୁବାର ଖଲ୍ଲିକୋଟ ଠାରେ ଭାଜପା ଆସିକା ଘୁମୁସର ସାଙ୍ଗଠନିକ ଜିଲା ଯୁବମୋର୍ଚ୍ଚା ପକ୍ଷରୁ ଜନ ଆକ୍ରୋଶ ଯୁବ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ଲାକାର୍ଡ ଧରି ମୁଣ୍ଡରେ କଳା କନା ବାନ୍ଧି ଶତାଧିକ ମହିଳା ଓ ଯୁବକ ଗୁରୁବାର ଖଲ୍ଲିକୋଟରେ ପ୍ରତିବାଦ କରିଛନ୍ତି। ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରୁ ଏକ ସୁଦୃଶ୍ୟ ରାଲିରେ ବାହାରି ଖଲ୍ଲିକୋଟ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ଜିଲା ଯୁବମୋର୍ଚ୍ଚା ସଭାପତି ଅଜିତ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭାଜପା ମହିଳା ମୋର୍ଚ୍ଚାର ଜିଲା ଉପସଭାପତି ବିଜୟଲକ୍ଷ୍ମୀ ବାଲା, ଜିଲା ସାଧାରଣ ସମ୍ପାଦିକା ଜୋସ୍ନା ରାଣୀ ନାହାକ, ବରିଷ୍ଠ ଭାଜପା ନେତ୍ରୀ ଭାରତୀ ବେହେରା, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ବିଚିତ୍ରା ରାଣୀ ପଟ୍ଟନାୟକ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇ ମହିଳା ସଂରକ୍ଷଣ ବିଲ କାଟ ଖାଇବା ପ୍ରସଙ୍ଗରେ ବିରୋଧୀ ଦଳଙ୍କୁ ସମାଲୋଚନା କରିଥିଲେ।

## କାଠ ମିଲ୍‌ରୁ ୨ ବନ୍ଧୁକ ସହ ଗୁଳି ଜବତ, ଜଣେ ଗିରଫ

ବେଲଗୁଣ୍ଠା,୨୩।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ଗାଙ୍ଗପୁର ପୋଲିସ୍ ବେଆଇନ କାଠମିଲ୍ ଉପରେ ଚଢ଼ାଉ କରି ଲମ୍ବୁ ତାରିଣୀ ଓ ତା'ର ସହଯୋଗୀଙ୍କୁ ଗିରଫ କରିଛି। ଏପ୍ରିଲ ୨୩ ବିଳମ୍ବିତରେ ଉତ୍ତର ବନଖଣ୍ଡ ଅଧିକାରୀ ଭଞ୍ଜନଗରଙ୍କ ଅନୁରୋଧ କ୍ରମେ ଗାଙ୍ଗପୁର ଥାନାଧିକାରୀ ବନବିହାରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ମିଳିତ ଟିମ୍ ସିଆରିମାଳ ଗ୍ରାମକୁ ବେଆଇନ କାଠ ମିଲ୍ ଚଢ଼ାଉ ପାଇଁ ଯାଇଥିଲେ। ଏହି କାଠ ମିଲଟି ସେହି ଗ୍ରାମର ଲମ୍ବୁ ଓରଫ ନାରାୟଣ ତାରିଣୀ (୪୯) ଦ୍ୱାରା ପରିଚାଳିତ ହେଉଥିଲା। ଚଢ଼ାଉ ସମୟରେ ପୋଲିସକୁ ସୂଚନା ମିଳିଥିଲା ଯେ, ଲମ୍ବୁ ତା'ର ଫାର୍ମହାଉସରେ ବେଆଇନ ଅସ୍ତ୍ରଶସ୍ତ୍ର ମଧ୍ୟ ରଖିଛି। ଭଞ୍ଜନଗରର ଅତିରିକ୍ତ ତହସିଲଦାର ଅବିନାଶ କୁମାର ମାହାରଙ୍କ ଉପସ୍ଥିତିରେ ଘର ଯାଞ୍ଚ କରାଯାଇଥିଲା। ସେଠାରେ ଲମ୍ବୁଙ୍କ ସହଯୋଗୀ ବୁଧିଆ ପାତ୍ର (୩୦) ଶୋଇଥିଲେ। ଲମ୍ବୁ ତାରିଣୀର ବେଆଇନ କାଠ ମିଲ୍ ନିକଟରେ ଥିବା ତା ଘର ଭିତରୁ ସନ୍ନିକା ଇଣ୍ଡଷ୍ଟ୍ରିଆଲ୍ ଲେଖାଥିବା ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ ଓ ୩ ରାଉଣ୍ଡ ଗୁଳି, ୨ଟି ଦେଶୀ ବନ୍ଧୁକ, ନଗଦ ୫,୨୫୦ ଟଙ୍କା, ଏକ ମୋବାଇଲ୍ ଏବଂ ଗୋଟିଏ କାର ଜବତ କରିଥିବା ପୋଲିସ ନିଜ ଆଡୁ ଦାଖଲ କରିଥିବା ଏଫ୍‌ଆଇଆର୍‌ରେ ଉଲ୍ଲେଖ କରିଛି। ପୋଲିସ ସୂଚନାନୁଯାୟୀ, ଲମ୍ବୁ ନାମରେ ହତ୍ୟା, ଡକାୟତି ଓ ରାହାଜାନି ଭଳି ପ୍ରାୟ ୫୦ଟି ଅପରାଧିକ ମାମଲା ରହିଛି। ପୂର୍ବରୁ ଏକ ପୋଲିସ ଏନକାଉଣ୍ଟରରେ ସେ ନିଜର ଡାହାଣ ଗୋଡ଼ ହରାଇଥିଲେ ମଧ୍ୟ ସେ ନିଜର ଅପରାଧିକ ସାମ୍ରାଜ୍ୟ ଚଳାଇ ଆସୁଥିଲା। ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିଥିବା ଯୋଗୁ ଉଭୟ ଅଭିଯୁକ୍ତଙ୍କ ବିରୋଧରେ ବେଆଇନ ଅସ୍ତ୍ରଶସ୍ତ୍ର ଆଇନର ଧାରା ୨୫/୨୫ଅନୁଯାୟୀ ମାମଲା ରୁଜୁ କରି ଗିରଫ କରାଯାଇଛି।

## ଉପ ମୁଖ୍ୟମନ୍ତ୍ରୀଙ୍କ ଦୁଇଦିନିଆ ଗଜପତି ଜିଲା ଗସ୍ତକୁ ନେଇ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି,୨୩।୪(ଗିରିଧାରୀ ପରିଚ୍ଛା)

ଆସନ୍ତା ୨୫ ଓ ୨୬ ତାରିଖରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ୨ଦିନିଆ ଗଜପତି ଜିଲା ଗସ୍ତ କରିବେ। ଏନେଇ ଜିଲା ସଦର ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଭାରପ୍ରାପ୍ତ ଜିଲାପାଳ ମୁନିନ୍ଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ଆସନ୍ତା ୨୫ରେ ଜିରାଙ୍ଗଠାରେ ନିର୍ମାଣ ହେବାକୁଥିବା ପ୍ରତୀକ୍ଷା ଗ୍ରୁପ୍‌ର ପଞ୍ଚତାରକା ହୋଟେଲର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗ ଦେବେ। ସେହିପରି ଉକ୍ତ ଦିନ ଅପରାହ୍ନରେ ସେ କଇଁପୁରଠାରେ ଆୟୋଜିତ ଦୁଇଦିନିଆ ମହେନ୍ଦ୍ରଗିରି ଇକୋ ଏଡଭେନ୍‌ଚର ଫେଷ୍ଟ-୨୦୨୬ର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ଇକୋ ଏଡଭେନ୍‌ଚର ଫେଷ୍ଟ-୨୦୨୬ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଡିଏଫ୍‌ଓ କେ.ନାଗରାଜୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଉପଜିଲାପାଳ ଅନୁପ ପଣ୍ଡା, ଏସ୍‌ଡିପିଓ ମାଧବନନ୍ଦ ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ।

## ଗୁଣ୍ଡିଚାଙ୍କୁ ପକ୍ଷୀଙ୍କ ଖାଦ୍ୟ, ପାନୀୟ ଚିନ୍ତା

ଆସିକା,୨୩।୪(ସୁରେନ୍ଦ୍ର ନାଥ ସାହୁ )

ପ୍ରଚଣ୍ଡ ରୌଦ୍ରତାପରେ ସମସ୍ତେ ମଣିଷଙ୍କଠାରୁ ଆରମ୍ଭ କରି ପଶୁପକ୍ଷୀ ପର୍ଯ୍ୟନ୍ତ କଲବଲ ହେଉଛନ୍ତି । ଏହି ସମୟରେ ପାନୀୟ ଜଳ ସଙ୍କଟ ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥାଏ। ପଶୁପକ୍ଷୀଙ୍କ ଲାଗି ଖାଦ୍ୟ ଓ ପାନୀୟ ଜଳ ପାଇଁ ସମସ୍ତେ ଯତ୍ନବାନ ହେବାକୁ ସଚେତନ କରୁଛନ୍ତି ସାମାଜିକ କର୍ମୀ ଗୁଣ୍ଡିଚା ମହାରଣା। ଆସିକା ସହରାଞ୍ଚଳର ବିଭିନ୍ନ ସ୍ଥାନ ସହ ନିକଟସ୍ଥ କାଳକ୍ଷଣ୍ପୁର, ଢଉଁଗାଁ ଗ୍ରାମ ରାସ୍ତାରେ ଥିବା ବିଭିନ୍ନ ଗଛରେ ପକ୍ଷୀଙ୍କ



ଲାଗି ଗୁଣ୍ଡିଚା ଖାଦ୍ୟ ପାନୀୟର ବ୍ୟବ୍ୟସ୍ଥା କରୁଛନ୍ତି । ଦୁଇଟି ଛୋଟ ଟ୍ରେରେ ଖାଦ୍ୟ ଓ ପାନୀୟ ରଖି ଏହାକୁ ଏକ ପ୍ଲାଷ୍ଟିକ ଟ୍ରେରେ ଭର୍ତ୍ତି କରି ଗଣ୍ଠିତା ବିଭିନ୍ନ ଗଛ ଓ ଉଚ୍ଚ ସ୍ଥାନରେ ରଖୁଛନ୍ତି। ନିଜସ୍ୱ ଖର୍ଚ୍ଚରେ ସେ ଏଯାବତ୍ ୧୫ଟି ଖାଦ୍ୟ ପାନୀୟ ଟ୍ରେ ଲଗାଇଥିବା ଜଣାପଡିଛି। ଜୀବେ ଦୟା ନୀତିରେ ସମସ୍ତେ ପକ୍ଷୀପଶୁଙ୍କୁ ଖାଦ୍ୟ ପାନୀୟ ଦେବା ଲାଗି ଆଗେଇ ଆସିବାକୁ ସେ ଲୋକଙ୍କୁ ବୁଝାଉଥିବା ଦେଖିବାକୁ ମିଳୁଛି। ଆସିକା କଳିଙ୍ଗ ରୋଡରେ ଗୋଟିଏ ବାଇକ୍ ମରାମତି କେନ୍ଦ୍ର କରି ପରିବାର ଚଳାଉଥିବା ଗୁଣ୍ଡିଚାଙ୍କ ପରିବେଶ ସୁରକ୍ଷା ଦିଗରେ ଚାରା ରୋପଣ ଓ ଜଣେ ଯୋଗ ପ୍ରଶିକ୍ଷକ ଭାବେ ପରିଚୟ ରହିଛି । ଲୋକେ ସଚେତନ ହେଲେ ଏବଂ ଚାହିଁଲେ ପଶୁପକ୍ଷୀଙ୍କ ପାଇଁ ଖାଦ୍ୟ ପାନୀୟ ଟ୍ରେର ଅଭାବ ରହିବ ନାହିଁ ବୋଲି କୁହନ୍ତି ସେ।

## ସିସି କ୍ୟାମେରା ସଜାଡ଼ିବା ଦାବି

ରମ୍ଭା,୨୩।୪(ବନବାସୀ ସେଠୀ)

ଚଳିତ ବର୍ଷ ମଧ୍ୟ ଦକ୍ଷିଣ ଓଡିଶାର ପ୍ରସିଦ୍ଧ ଚନ୍ଦନ ଯାତ୍ରା ପ୍ରସ୍ତୁତି ସମୀକ୍ଷା ସହିତ ପ୍ରଶାସନର ପରସ୍ପରକୁ ଦୋଷାରୋପ ଭିତରେ ସହରର ରାଜପଥ ପାର୍ଶ୍ୱରେ ସିସି କ୍ୟାମେରା ଲାଗିଥିବା କାହା ଦାୟିତ୍ୱରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଆଗକୁ ଐତିହାସିକ ଚନ୍ଦନ ଯାତ୍ରା ଥିବାବେଳେ ଟ୍ରାଫିକ ସମସ୍ୟା ରୋମିଓ, ଡକାୟତ ନିୟନ୍ତ୍ରଣ କରିବାକୁ ବ୍ୟାପକ ଅବ୍ୟବସ୍ଥା କରାଯାଇଛି। ସାଧାରଣ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ଅବହେଳା ପରିବର୍ତ୍ତେ ସମୟ ଅତିବାହିତ ପୂର୍ବରୁ ତତ୍ପରତା ଦେଖାଇବା ଅଚଳ କ୍ୟାମେରାକୁ ତୁରନ୍ତ ସଜାଡ଼ିବାକୁ ସାଧାରଣରେ ଦାବି ହେଉଛି।

## କ୍ଲିନ୍ ଦାରିଙ୍ଗବାଡ଼ି ଗ୍ରୀନ୍ ଦାରିଙ୍ଗବାଡ଼ି ଅଭିଯାନକୁ ଜୋରଦାର କରାଯିବ



ଦାରିଙ୍ଗବାଡି,୨୩।୪ (ଅରୁଣ ସାହୁ)

ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ଏବେ କ୍ଲିନ୍ ଦାରିଙ୍ଗବାଡ଼ି ଗ୍ରୀନ୍ ଦାରିଙ୍ଗବାଡ଼ି ଅଭିଯାନ ଚାଲିଛି। ଏହାକୁ ଆହୁରି ବ୍ୟାପକ କରିବାକୁ ଗୁରୁବାର ଅପରାହ୍ନରେ ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି। ଏଥିରେ ଅନ୍ୟ ଅଧିକାରୀଙ୍କ ମଧ୍ୟରେ ତହସିଲଦାର ଧୀରଜ ପାତ୍ର, ସବ ଇନ୍ସପେକ୍ଟର ଲକ୍ଷ୍ମୀ ମାଝୀ ପ୍ରମୁଖ ମଞ୍ଚାସିନ ରହି ଅଞ୍ଚଳବାସୀଙ୍କୁ ସଚେତନ କରିଥିଲେ। ସେହିପରି ଦାରିଙ୍ଗବାଡ଼ିକୁ ସ୍ୱଚ୍ଛତା ରଖିବା ପାଇଁ ହେଲେ ପ୍ରତି ସପ୍ତାହରେ ଜନ ସଚେତନ କରାଯିବା ସହ ସଫେଇ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତ୍ୟେକ ଗୁରୁବାର ଏହି ସଫେଇ କାର୍ଯ୍ୟକ୍ରମ କରାଯିବା ବାଧ୍ୟତା ବୋଲି କୁହାଯାଇଛି। ଆସନ୍ତା ୩ରୁ ୪ ମାସ ମଧ୍ୟରେ ଦାରିଙ୍ଗବାଡ଼ିକୁ ସମ୍ପୂର୍ଣ୍ଣ ଅଳିଆମୁକ୍ତ କରାଯିବ ବୋଲି ବିଡ଼ିଓ ବୈଠକରେ କହିଥିଲେ। ଦାରିଙ୍ଗବାଡ଼ି ସହର ସମେତ ପର୍ଯ୍ୟଟନକ୍ଷେତ୍ର ଗୁଡ଼ିକୁ ମଧ୍ୟ ସ୍ୱଚ୍ଛତା ରଖାଯିବାକୁ ପଦକ୍ଷେପ ନେବାକୁ କୁହାଯାଇଥିଲା। ଗୋଟିଏ ମାସ ପରେ ଦ୍ୱିତୀୟ ମାସ ଠାରୁ ଯିଏ ଦୋକାନ, ଗୃହ ସମ୍ମୁଖରେ ପ୍ଲାଷ୍ଟିକ, ଅଳିଆ ଆବର୍ଜନା କରିବେ ସେମାନଙ୍କୁ ଜରିମାନା ଆଦାୟ କରାଯିବ ବୋଲି ବିଡ଼ିଓ ଚେତାବନି ଦେଇଛନ୍ତି। ଏଥିସହ ହୋଟେଲ ଗୁଡ଼ିକରେ ପ୍ଲାଷ୍ଟିକ, ଥର୍ମାକୋଲ ଥାଳିକୁ ବ୍ୟବହାର ନ କରି ଶିଆଳି ବ୍ୟବହାରକୁ ଗୁରୁତ୍ୱ ଦେବାକୁ କୁହାଯାଇଛି। ବୈଠକରେ ବଣିକ ସଙ୍ଘ, ହୋଟେଲ ସଙ୍ଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମେତ ଲୋକପ୍ରତିନିଧି ମାନେ ଯୋଗ ଦେଇଥିଲେ।

## ୪ର୍ଥ ଦିନରେ ଜନ ପ୍ରତିନିଧିଙ୍କ ଧାରଣା

# ଉପଜିଲାପାଳଙ୍କ ସମାଧାନ ଉଦ୍ୟମ ଫେଲ୍

ଚିକିଟି,୨୩।୪(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକରେ ବିଭିନ୍ନ ଉନ୍ନୟନ ଯୋଜନାରେ ବ୍ୟାପକ ଅନିୟମିତତା ଅର୍ଥ ହରିଲୁଟ ହେଉଥିବା ପ୍ରତିବାଦରେ ବ୍ଲକ୍ ସମ୍ମୁଖରେ ଚାଲିଥିବା ଜନପ୍ରତିନିଧିଙ୍କ ଧାରଣା ଗୁରୁବାର ୪ର୍ଥ ଦିନରେ ପହଞ୍ଚିଛି। ମଧ୍ୟାହ୍ନରେ ବ୍ରହ୍ମପୁର ଉପଜିଲାପାଳ ଅଭିନାଶ କୁମାର, ଚିକିଟି ବିଡ଼ିଓ ବିବେକାନନ୍ଦ ମିଶ୍ର ସମେତ ବ୍ଲକ୍‌ର କର୍ମଚାରୀ ଜନପ୍ରତିନିଧିଙ୍କ ସହ ଆଲୋଚନା କରିବା ପରେ ବିଡ଼ିଓଙ୍କୁ ବିରକ୍ତି ପ୍ରକାଶ କରିଥିଲେ। ଏଥିସହ ଆନ୍ଦୋଳନ ପ୍ରତ୍ୟାହୃତ କରିବା ପାଇଁ ବ୍ଲକ୍ ଅଧକ୍ଷଙ୍କୁ ଅନୁରୋଧ କରିଥିଲେ। ପରେ ଧାରଣା ପ୍ରତ୍ୟାହୃତ ହେବ ବୋଲି ବ୍ଲକ୍ ଅଧକ୍ଷ ଏବଂ ଅନ୍ୟ ସରପଞ୍ଚ, ସମିତି ସଭ୍ୟମାନେ କହିଥିଲେ। ଗଞ୍ଜାମ ଜିଲାପାଳଙ୍କ ସହ ଆଲୋଚନା କରିବା ପରେ ଲିଖିତ ଭାବେ ଜଣାଇବେ ବୋଲି କହି ଉପଜିଲାପାଳ ଫେରି ଯାଇଥିବା ଜଣାପଡ଼ିଛି। ଚିକିଟି ବ୍ଲକର ୧୭ଟି ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଧାରଣାକୁ ୪ଦିନ ବିତିଥିଲେ ମଧ୍ୟ ସମାଧାନର ପନ୍ଥା ବାହାରି ପାରୁନାହିଁ। ନିର୍ବାଚିତ ପ୍ରତିନିଧିମାନେ ଧାରଣାରେ ବସିଥିବାରୁ ବ୍ଲକ୍ କାର୍ଯ୍ୟାଳୟରେ କୌଣସି କାମ ହୋଇ ପାରୁନାହିଁ। ଏନେଇ ଗତ ୧୬ ତାରିଖରେ ଜିଲା ପ୍ରଶାସନ ଠାରୁ ଆରମ୍ଭ କରି ତହସିଲ ବ୍ଲକ ପ୍ରଶାସନ ନିକଟରେ ଦାବି କରିଥିଲେ। କୌଣସି ପଦକ୍ଷେପ ନିଆ ନ ଗଲେ ୨୦ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ଧାରଣା ଦେବୁ ବୋଲି ଚେତାବନୀ ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନ ଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ବ୍ଲକ ଅଧ୍ୟକ୍ଷ ଆପନା ସେଠୀ କହିଛନ୍ତି। ଯଦି ୨ ଦିନ ମଧ୍ୟରେ କୌଣସି ପଦକ୍ଷେପ ନିଆ ନ ନେଲେ ଶନିବାର ଠାରୁ ଆମରଣ ଅନଶନ ଚାଲିବ ବୋଲି କହିଛନ୍ତି।

## ଶ୍ରୀସିଦ୍ଧି ବିନାୟକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଦିଗପହଣ୍ଡି,୨୩।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ୍ କୁଶପଡା ଖେଳପଡିଆରେ ଗୁରୁବାର ଶ୍ରୀସିଦ୍ଧି ବିନାୟକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଏମ.ନିରଞ୍ଜନ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ଏସ.ଗାନ୍ଧୀ ଦୋରା, ସାମାଜିକ କର୍ମୀ ବିଭୂ ଦୋରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଖେଳରେ ପ୍ରଥମେ ବ୍ୟାଟିଂ କରି ଦିଗପହଣ୍ଡି ଗ୍ରାଉଣ୍ଡ କ୍ରିକେଟ ଟିମ ନିର୍ଦ୍ଧାରିତ ୬ ଓଭରରେ ୩ ୱିକେଟ ହରାଇ ୯୯ ରନ ସଂଗ୍ରହ କରିଥିଲା। ଟିମ ପକ୍ଷରୁ ଦୀପକ କୁଣ୍ଡ ମାତ୍ର ୧୬ ଟି ବଲରେ ୭ ଟି ଛକା ଓ ୪ ଟି ଚୌକା ଜରିଆରେ ଅପରାଜିତ ୬୦ ରନ କରିଥିଲେ। ଜବାବରେ ବିପକ୍ଷ ଟିମ ପୁଟବଗଡ ଗ୍ରାମ କ୍ରିକେଟ ଟିମ ୭୪ ରନ କରି ପରାସ୍ତ ହୋଇଥିଲା। ଦୀପକଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଅକ୍ଷୟ ସାହୁ ଓ ଚନ୍ଦନ ଦୋରା ମ୍ୟାଚରେ ଅମ୍ପାୟରିଂ କରିଥିଲା ବେଳେ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।



ଅତିଥି ମାନଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ବ୍ୟବସାୟୀ ଗଣେଶଙ୍କୁ ଚାବି ହସ୍ତାନ୍ତର ପାଇଁ କୋର୍ଟ ନିର୍ଦ୍ଦେଶ

ଗଞ୍ଜାମ,୨୩।୪(ବିଦ୍ୟାଧର ସାହୁ)

**ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ସିଲ୍ ଘଟଣା**

ଗଞ୍ଜାମ ବଡ଼ ବଜାରସ୍ଥିତ ମାର୍କେଟ କମ୍ପ୍ଲେକ୍ସର ମାଲିକ ବିନୋଦ ପାଢ଼ୀ ଏବଂ ଦୋକାନୀ ଗଣେଶ ପଟ୍ଟନାୟକଙ୍କ ମଧ୍ୟରେ ଲାଗିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡିଛି। ଗଣେଶଙ୍କୁ ଦୋକାନ ଚାବି ହସ୍ତାନ୍ତର ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ପରେ ପ୍ରଶାସନ ସିଲ୍ ଖୋଲି ତାଙ୍କୁ ଚାବି ହସ୍ତାନ୍ତର କରିଛି।

ଖବରରୁ ଜଣାପଡିଛି, ଏହି ମାର୍କେଟ କମ୍ପ୍ଲେକ୍ସରେ ଗଣେଶ ମିଠା ଦୋକାନ ସହ ଭେରାଇଟ ଷ୍ଟୋର କରିଥିଲେ। କୌଣସି କାରଣରୁ ମାର୍କେଟ କମ୍ପ୍ଲେକ୍ସ ମାଲିକ ବିନୋଦ ଓ ଗଣେଶଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ପରେ ବିନୋଦ ଗଣେଶଙ୍କୁ ଦୋକାନ ଖାଲି କରିବାକୁ କହିଥିଲେ। ଗଣେଶ କିଛି ଦିନ ସମୟ ମାଗିଥିଲେ ମଧ୍ୟ ଏହାକୁ ନ ଶୁଣି ବିନୋଦ ଗଞ୍ଜାମ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ଗତ ୩।୫।୨୦୨୩ରେ ମାର୍କେଟ କମ୍ପ୍ଲେକ୍ସରେ ପହଞ୍ଚି ଗଣେଶଙ୍କ ମିଠା ଦୋକାନ ତଥା ଭେରାଇଟ ଷ୍ଟୋରକୁ ସିଲ୍



ସିଲ ହୋଇଥିବା ଦୋକାନ ଖୋଲାଯାଇଛି ।

କରିଥିଲା। ଦୋକାନ ସିଲ ପରେ କୋର୍ଟ ନିର୍ଦ୍ଦେଶନାମା ନ ଥାଇ ପୋଲିସ ମୋ ଦୋକାନ ସିଲ୍ କରିଛି, ଏହାର ବିଚାର କରି ମୋ ଦୋକାନ ଚାବି ମୋତେ ପ୍ରଦାନ କରାଯାଉ ବୋଲି ନିବେଦନ କରି ଗଣେଶ ଓକିଲ ଦିଲୀପ ପଟ୍ଟନାୟକ ଜରିଆରେ ଛତ୍ରପୁର ଉପ ଜିଲାପାଳଙ୍କ ନିକଟରେ ଦୁଇଟି ପିଟିସନ ଦାଖଲ କରିଥିଲେ।

ଏହା ଉପରେ ଉପଜିଲାପାଳ କୌଣସି ଶୁଣାଣି ନ କରି ମାଲିକ ବିନୋଦଙ୍କୁ ଚାବି ପ୍ରଦାନ କରିଥିଲେ। ଏହାର ପ୍ରତିବାଦରେ ଗଣେଶ ହାଇକୋର୍ଟର ଆଶ୍ରୟ ନେଇଥିଲେ। ଉପରୋକ୍ତ ମାମଲାର ବିଚାର କରି ଉପଜିଲାପାଳଙ୍କ ସମସ୍ତ ନିର୍ଦ୍ଦେଶନାମାକୁ ହାଇକୋର୍ଟ ରଦ୍ଦ କର ଏହାର ଶୁଣାଣି କରିବାକୁ ଛତ୍ରପୁର ଏଡିଜେଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଡିଜେ ପ୍ରଦୀପ ସାମଲ ମାମଲାର ବିଚାର କରି ଗତ ୧୫।୪।୨୬ରୁ ଏକ ସପ୍ତାହ ମଧ୍ୟରେ ସିଲ ହୋଇଥିବା ଦୋକାନ ଚାବି ଖୋଲି ଗଣେଶଙ୍କୁ ଚାବି ହସ୍ତାନ୍ତର ପାଇଁ ଗଞ୍ଜାମ ଥାନାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହ ଦୋକାନ ମଧ୍ୟରେ ଥିବା ସମସ୍ତ ଜିନିଷ ଓ ବିଭିନ୍ନ ସାମଗ୍ରୀ ହିସାବ କରି କୋର୍ଟରେ ଦାଖଲ କରିବା ପାଇଁ ରାୟରେ ଉଲ୍ଲେଖ କରିଥିଲେ। ଏଡିଜେ କୋର୍ଟର ଅର୍ଡର ଆସିବା ପରେ ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର ଅତିରକ୍ତ ତହସିଲଦାର ଲିଲି କୁମାରୀଙ୍କ ଉପସ୍ଥିତିରେ ଗୁରୁବାର ସିଲ ପଡିଥିବା ଦୋକାନ ଖୋଲି ଦୋକାନ ମାଲିକ ଗଣେଶଙ୍କୁ ଚାବି ହସ୍ତାନ୍ତର କରିବା ସହ ଦୋକାନରେ ସମସ୍ତ ସାମଗ୍ରୀ ଓ ନଗଦ ୧୬ ହଜାର ଟଙ୍କା ପ୍ରଦାନ କରିଥିଲେ। ବେଆଇନ ଭାବେ ଦୋକାନ ସିଲ କରିବାରୁ ଦୋକାନ ଭିତରେ ୫୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ କ୍ଷତି ହୋଇଛି। ଏହାର କ୍ଷତିପୂରଣ ଲାଗି ପରବର୍ତ୍ତୀ ସମୟରେ କୋର୍ଟରେ ମାମଲା ଦାଖଲ କରାଯିବ ବୋଲି ଗଣେଶଙ୍କ ଓକିଲ ପଟ୍ଟନାୟକ କହିଛନ୍ତି। ସିଲ୍ ଖୋଲିବା ବେଳେ ଅତିରିକ୍ତ ଥାନା ଅଧିକାରୀ ଶୁଭଲକ୍ଷ୍ମୀ କହଁର, ବଡ଼ ବଜାର ବଣିକ ସଂଘ ସଭାପତି ଗୌରି ଶଙ୍କର ବାରିକ, ଏସଆଇ ଅନିରୁଦ୍ଧ ସ୍ୱାଇଁ, ତହସିଲ ଅଫିସର ଆଦିତ୍ୟ ନାରାୟଣ, ଏଆରଆଇ ଲାଲକୃଷ୍ଣ ଦାସ ଉପସ୍ଥିତ ଥିଲେ।

